# NATIONAL NEWS BULLETIN (ODIA)

**30 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପଶୁ ଚିକିତ୍ସା କ୍ଷେତ୍ରରେ ବିକାଶ ସହ ପଶୁ ଚିକିତ୍ସା କେନ୍ଦ୍ରଗୁଡ଼ିକୁ ସଶକ୍ତ କରିବା ଲାଗି ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କଲେ ରାଷ୍ଟ୍ରପତି
- ଆଜିଠାରୁ ୩ ଟି ଦେଶ ଗସ୍ତରେ ଯିବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ
- ଆଇନ ଛାତ୍ରୀ ଦୁଷ୍କର୍ମ ଘଟଣାର ଅନୁଧ୍ୟାନ ପାଇଁ କୋଲକାତାରେ ପହଞ୍ଚିଲା ବିଜେପି କେନ୍ଦ୍ରୀୟ ଟିମ୍
- ଟ୍ରେନ୍ ଛାଡ଼ିବାର ୮ ଘଣ୍ଟା ପୂର୍ବରୁ ସଂରକ୍ଷଣ ତାଲିକା ପ୍ରସ୍ତୁତି ଲାଗି ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ

ଏବଂ

- ପ୍ରଥମ ଭାରତୀୟ ଭାବେ ୱାର୍ଲ୍ଡ ଟୁର୍ ଟାଇଟଲ୍ ହାସଲ କଲେ ବ୍ୟାଡମିଣ୍ଟନ ଖେଳାଳି ଆୟୁଷ ସେଟ୍ଟୀ

## ପ୍ରେଜ୍-ଉତ୍ତର ପ୍ରଦେଶ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଅନ୍ୟାନ୍ୟ କ୍ଷେତ୍ର ଭଳି ପଶୁମାନଙ୍କ ଲାଗି ଔଷଧ ଏବଂ ସେବା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରିବ । ଆଜି ଉତ୍ତରପ୍ରଦେଶ ବରେଲୀ ସ୍ଥିତ ଭାରତୀୟ ପ୍ରାଣୀ ଚିକିତ୍ସା ଗବେଷଣା ସଂସ୍ଥାନର ଏକାଦଶ ସମାବର୍ତ୍ତନ ଉତ୍ସବରେ

ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରାଯାଇ ଦେଶରେ ଥିବା ପଶୁ ଚିକିତ୍ସାଳୟଗୁଡ଼ିକୁ ସଶକ୍ତ କରାଯାଇ ପାରିବ । ଶ୍ରୀମତୀ ମୁର୍ମୁ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା, ତଥ୍ୟ ବିଶ୍ଳେଷଣ ଏବଂ ପ୍ରଯୁକ୍ତିବିଦ୍ୟାର ବିଭିନ୍ନ ପ୍ରାୟୋଗିକ ପରୀକ୍ଷଣ କରାଯାଇ ପଶୁ ଚିକିତ୍ସା କ୍ଷେତ୍ରରେ ବିକାଶ କରାଯାଇ ପାରିବ ।

**V/O (Prez- Technology)**

ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ଗୋଟିଏ ସ୍ୱାସ୍ଥ୍ୟ ପ୍ରସଙ୍ଗ ଏବେ ସାରା ବିଶ୍ୱରେ ଗୁରୁତ୍ୱ ହାସଲ କରିଛି । ସେ କହିଛନ୍ତି ମଣିଷ, ଗୃହପାଳିତ ଓ ବନ୍ୟଜନ୍ତୁ, ନଦୀ, ଝରଣା ଓ ପରିବେଶ ସମସ୍ତେ ପରସ୍ପର ଉପରେ ନିର୍ଭରଶୀଳ । ଭାରତୀୟ ପ୍ରାଣୀ ଚିକିତ୍ସା ଗବେଷଣା ସଂସ୍ଥାନ ପ୍ରାଣୀମାନଙ୍କ ଚିକିତ୍ସା ଓ ସେବା କ୍ଷେତ୍ରରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିବା ସହିତ ଏହାକୁ ଷ୍ଟାର୍ଟଅପ୍ ଭାବେ ଗ୍ରହଣ କରି ଆଗକୁ ବଢୁଥିବାରୁ ରାଷ୍ଟ୍ରପତି ସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି :

**V/O(Prez-Startup)**

ଉତ୍ତରପ୍ରଦେଶକୁ ଆଜିଠାରୁ ଦୁଇଦିନିଆ ଗସ୍ତରେ ଯାଇଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଅପରାହ୍ନରେ ଗୋରଖପୁର ଯାଇ ୩ଟି ମୁଖ୍ୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ । ସେଠାରେ ରାଷ୍ଟ୍ରପତି ଗୋରଖପୁର ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ - ଏମ୍‌ସ୍‌ର ପ୍ରଥମ ସମାବର୍ତ୍ତନ ସମାବେଶରେ ଯୋଗଦେଇ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପଦକ ପ୍ରଦାନ କରିବେ ।

ରାଷ୍ଟ୍ରପତି ଆସନ୍ତାକାଲି ଗସ୍ତର ଦ୍ୱିତୀୟ ଦିନରେ ଗୋରଖପୁରଠାରେ ଉତ୍ତରପ୍ରଦେଶର ପ୍ରଥମ ମହାଯୋଗୀ ଗୁରୁ ଗୋରଖନାଥ ଆୟୁଷ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ କରିବେ ।

ଏହାପରେ ସେ  ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ସେଠାକାର ଅଡିଟୋରିୟମ୍, ପଞ୍ଚକର୍ମ କେନ୍ଦ୍ର ମଧ୍ୟ ଉଦ୍‌ଘାଟନ କରିବା ସହ ଏକ ଛାତ୍ରୀନିବାସର ମଧ୍ୟ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତି ଆଜି ଏବଂ ଆସନ୍ତାକାଲି ଗୋରଖନାଥ ମନ୍ଦିର ପରିଦର୍ଶନ କରି ସ୍ୱତନ୍ତ୍ର ଦର୍ଶନ ସହ ପ୍ରସାଦ ଉତ୍ସବରେ ଯୋଗଦେବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଉଭୟ ବରେଲି ଏବଂ ଗୋରଖପୁରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ସୀତାରମଣ ଭିଜିଟ୍

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜିଠାରୁ ସ୍ପେନ୍, ପର୍ତ୍ତୁଗାଲ ଏବଂ ବ୍ରାଜିଲ ଗସ୍ତରେ ଯାଉଛନ୍ତି । ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଗସ୍ତ କାଳରେ ଶ୍ରୀମତୀ ସୀତାରମଣ ସ୍ପେନ୍ ଗସ୍ତ କରି ଚତୁର୍ଥ ଆନ୍ତର୍ଜାତିକ ଆର୍ଥିକ ବିକାଶ ସମ୍ମିଳନୀରେ ଯୋଗଦେବେ । ଜାତିସଂଘ ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ ଶ୍ରୀମତୀ ସୀତାରମଣ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଏହି ସମ୍ମିଳନୀରେ ସମାବେଶୀ ବିକାଶ ଓ ଲକ୍ଷ୍ୟ ହାସଲ ଦିଗରେ ଦେଖାଦେଉଥିବା ସମସ୍ୟାଗୁଡ଼ିକର କିଭଳି ସମାଧାନ କରାଯାଇପାରିବ, ଆଲୋଚନା କରାଯିବ ।

ପରେ ଅର୍ଥମନ୍ତ୍ରୀ ପର୍ତ୍ତୁଗାଲ ଗସ୍ତରେ ଯାଇ ତାଙ୍କ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଶ୍ରୀମତୀ ସୀତାରମଣ ପ୍ରବାସୀ ଭାରତୀୟ ଏବଂ ପ୍ରମୁଖ ପୁଞ୍ଜିନିବେଶକାରୀଙ୍କ ସହ ସ୍ୱତନ୍ତ୍ର ଭାବେ ଆଲୋଚନା କରିବେ ବୋଲି ସୂଚନା ମିଳିଛି ।

ଗସ୍ତର ଶେଷ ପର୍ଯ୍ୟାୟରେ ବ୍ରାଜିଲକୁ ଯାଇ ଅର୍ଥମନ୍ତ୍ରୀ ଭାରତର ଗଭର୍ଣ୍ଣର ଭାବେ ନିଉ ଡେଭଲପମେଣ୍ଟ ବ୍ୟାଙ୍କ୍‌ର ଦଶମ ବାର୍ଷିକ ଉତ୍ସବରେ ଯୋଗଦେବେ । ରିଓ ଡି ଜେନେରିଓଠାରେ ଶ୍ରୀମତୀ ସୀତାରମଣ ପ୍ରଥମ ବ୍ରିକ୍ସ ଅର୍ଥମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ୟୁଜିସି-ର୍ୟାଗିଙ୍ଗ୍

ଦେଶର ୩ଟି ଆଇଆଇଟି, ୩ଟି ଆଇଆଇଏମ୍ ଏବଂ ଅଲିଗଡ ବିଶ୍ୱବିଦ୍ୟାଳୟ ସମେତ ଅଣାନବେଟି ଶିକ୍ଷା ପ୍ରତିଷ୍ଠାନକୁ ର୍ୟାଗିଙ୍ଗ୍ ନିରୋଧୀ ନିୟମ ଅନୁଯାୟୀ ଜବାବ ଦେବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି ନିର୍ଦ୍ଦେଶ ଦେଇଛି। ୟୁଜିସି ସହବନ୍ଧିତ ସଂପୃକ୍ତ ଅନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀମାନଙ୍କଠାରୁ ଏ ସଂପର୍କିତ ଅଣ୍ଡରଟେକିଂ ଜମା କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଦେଶର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନକୁ ୨୦୦୯ ୟୁଜିସି ର୍ୟାଗିଙ୍ଗ ନିରୋଧୀ ନିୟମ ପାଳନ କରିବା ଲାଗି ୟୁଜିସି ପକ୍ଷରୁ କଡ଼ାକଡ଼ି ଭାବେ ନିର୍ଦ୍ଦେଶ ଦିଆଯାଇଛି । ଆଇଆଇଟି ବମ୍ବେ, ଖଡ଼ଗପୁର, ପାଲକଡ଼ ଏବଂ ଆଇଆଇଏମ୍ ହାଇଦ୍ରାବାଦ ଓ ବମ୍ବେ,

ରୋହତକ୍ ଓ ତିରୁଚିରାପଲ୍ଲୀ, ରାୟବରେଲୀ ଏମ୍ସ ଏବଂ ଦିଲ୍ଲୀ, ଆନ୍ଧ୍ରପ୍ରଦେଶ ଓ ହରିଆଣାର ତିନୋଟି ଜାତୀୟସ୍ତରୀୟ ପ୍ରତିଷ୍ଠାନ ୟୁଜିସି ନିୟମକୁ ଅବମାନନା କରିଥିବା ଜଣାପଡ଼ିଛି ।

## କୋଲକାତା ଗ୍ୟାଙ୍ଗରେପ୍

କୋଲକାତାର ଏକ ଆଇନ କଲେଜରେ ଘଟିଥିବା ଦୁଷ୍କର୍ମ ଘଟଣାରେ ବିଜେପି ପକ୍ଷରୁ ଗଠିତ କେନ୍ଦ୍ରୀୟ ଟିମ୍ କୋଲକାତାରେ ପହଞ୍ଚିଛି । ଏହି ଘଟଣାରେ ବିଭିନ୍ନ ତଥ୍ୟ ସଂଗ୍ରହ କରି ସଂପୃକ୍ତ ଟିମ୍ ଦଳୀୟ ଅଧ୍ୟକ୍ଷଙ୍କ ନିକଟରେ ଦାଖଲ କରିବ । ସଂପୃକ୍ତ ଟିମ୍ ଆଜି ଅପରାହ୍ଣରେ ଘଟଣା ଘଟିଥିବା କଲେଜ ପରିସର ମଧ୍ୟ ପରିଦର୍ଶନ କରିବେ । ବିଜେପି ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ଦ୍ୱାରା ଗଠିତ ଟିମ୍‌ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତ୍ରିପୁରା ବିପ୍ଲବ ଦେବ ସାମିଲ ହୋଇଛନ୍ତି ।

ଅନ୍ୟପକ୍ଷରେ ଏହି ଘଟଣାର ତଦନ୍ତ ଲାଗି ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳର ସଦସ୍ୟ ସଂଖ୍ୟା ୫ରୁ ୯କୁ ବୃଦ୍ଧି କରାଯାଇଛି । ଘଟଣାକୁ ବିରୋଧ କରି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୃଣମୂଳ କଂଗ୍ରେସ ସରକାରକୁ ସମାଲୋଚନା କରି କହିଛନ୍ତି, ପଶ୍ଚିମବଙ୍ଗରେ ଅଘୋଷିତ ଜରୁରୀକାଳୀନ ପରିସ୍ଥିତି ଜାରି ରହିଛି । ଅନ୍ୟପକ୍ଷରେ ବିରୋଧୀ ବିଜେପି ନେତା ଶୁଭେନ୍ଦୁ

ଅଧିକାରୀ କହିଛନ୍ତି, ମମତା ବାନାର୍ଜୀଙ୍କ ଶାସନରେ ପଶ୍ଚିମବଙ୍ଗର ମହିଳା ଏବଂ ଝିଅମାନେ ସୁରକ୍ଷିତ ନୁହନ୍ତି ।

## ବିଜେପି-ତେଜସ୍ୱୀ

ୱାକଫ ସଂଶୋଧନ ଆଇନକୁ ନେଇ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଦେଇଥିବା ବିବାଦୀୟ ମନ୍ତବ୍ୟକୁ ବିଜେପି ସମାଲୋଚନା କରିଛି । ଆଜି ନୂଆଦିଲ୍ଲୀରେ ଦଳୀୟ ମୁଖପାତ୍ର ଡକ୍ଟର ସୁଧାଂଶୁ ତ୍ରିବେଦୀ କହିଛନ୍ତି, ବିହାର ବିଧାନସଭାର ବିରୋଧୀ ଦଳ ନେତାଙ୍କର ସଂସଦ ଏବଂ ନ୍ୟାୟପାଳିକା ପ୍ରତି କୌଣସି ସମ୍ମାନ ନାହିଁ । ସେ କହିଛନ୍ତି, ଗତକାଲି ପାଟନାରେ ଏକ ସାଧାରଣ ର୍‍ୟାଲିରେ ତେଜସ୍ୱୀ ଯାଦବ କହିଥିଲେ, ସଂସଦରେ ପାରିତ ହୋଇଥିବା ଆଇନକୁ ଅଳିଆ ଗଦାକୁ ଫିଙ୍ଗିଦିଆଯିବ । ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବା ନେଇ ଶ୍ରୀ ତ୍ରିବେଦୀ କହିଛନ୍ତି ଇଣ୍ଡି ମେଣ୍ଟ ୫୦ବର୍ଷ ପରେ ମଧ୍ୟ ସମ୍ବିଧାନକୁ ଅଳିଆ ଗଦାକୁ ଫିଙ୍ଗିଦେବା ପରିସ୍ଥିତିରୁ ବାହାରି ପାରିନାହିଁ । ସେ କହିଛନ୍ତି, ଆର୍‌ଜେଡି ଏବଂ ସମାଜବାଦୀ ପାର୍ଟି ଭଳି ଦଳଗୁଡ଼ିକ କେବେ ବି ଗରିବ ଓ ଅବହେଳିତ ମୁସଲିମଙ୍କ ପକ୍ଷ ନେଇ ନାହାନ୍ତି ।

**V/O (Sudhanshu Tribedi)**

## ରେଲୱେ-ରିଜର୍ଭେସନ ଚାର୍ଜ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ' ଟ୍ରେନ ଛାଡ଼ିବାର ୮ ଘଣ୍ଟା ପୂର୍ବରୁ ସଂରକ୍ଷଣ ତାଲିକା ପ୍ରସ୍ତୁତି ଲାଗି ନିର୍ଦ୍ଦେଶ ଦେଇଛନ୍ତି । ପର୍ଯ୍ୟାୟକ୍ରମେ ଏହି

ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ସେ କହିଛନ୍ତି । ଟ୍ରେନ୍ ଛାଡ଼ିବାର ୮ ଘଣ୍ଟା ପୂର୍ବରୁ ସଂରକ୍ଷଣ ତାଲିକା ପ୍ରସ୍ତୁତ ହେଲେ ଟିକେଟ୍ ପାଇଁ ଅପେକ୍ଷାରତ ଯାତ୍ରୀମାନଙ୍କୁ ସଠିକ୍ ସୂଚନା ମିଳିପାରିବ ବୋଲି ସେ କହିଛନ୍ତି । ଆଗାମୀ ଦିନରେ ରେଳସେବା କ୍ଷେତ୍ରରେ ସ୍ୱଚ୍ଛ ଏବଂ ସଠିକ୍ ଢଙ୍ଗରେ ଟିକେଟ୍ ବ୍ୟବସ୍ଥା କରାଯିବା ଉପରେ ଶ୍ରୀ ବୈଷ୍ଣବ ଗୁରୁତ୍ୱାରୋପ କରିଛନ୍ତି ।

ରେଳଯାତ୍ରା ଲାଗି ଟିକେଟ୍ ବୁକିଂ ପ୍ରକ୍ରିୟାକୁ ଆହୁରି ସହଜ କରିବା ନିମନ୍ତେ କେତେକ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି । ବର୍ତ୍ତମାନ ବ୍ୟବସ୍ଥାକୁ ଉନ୍ନୀତ କରାଯାଇ ଯେଭଳି ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା ଆହୁରି ଦଶଗୁଣ ବୃଦ୍ଧି ପାଇପାରିବ, ସେ ନେଇ ବ୍ୟବସ୍ଥା କରାଯାଉଛି । ରେଳମନ୍ତ୍ରୀ କହିଛନ୍ତି, ଏହା ଫଳରେ ଗୋଟିଏ ମିନିଟ୍‌ରେ ୧ ଲକ୍ଷ ୫୦ ହଜାରରୁ ଅଧିକ ଟିକେଟ୍ କ୍ରୟ କରାଯାଇ ପାରିବ । ଚଳିତବର୍ଷ ଶେଷ ସୁଦ୍ଧା ଏହି ବ୍ୟବସ୍ଥା ସକ୍ରିୟ ଢଙ୍ଗରେ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ଟିକେଟ୍ ଇନ୍‌କ୍ୱାରୀ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇ ଗୋଟିଏ ମିନିଟ୍‌ରେ ୪ ଲକ୍ଷ ପରିବର୍ତ୍ତେ ୪୦ ଲକ୍ଷ ଇନକ୍ୱାରୀ କରାଯାଇ ପାରିବ ।

ଆସନ୍ତାକାଲିଠାରୁ ଆଇଆର୍‌ସିଟିସି ୱେବ୍‌ସାଇଟ୍ ଏବଂ ମୋବାଇଲ୍ ଆପ୍ ଜରିଆରେ କେବଳ ପଞ୍ଜୀକୃତ ବ୍ୟବହାରକାରୀମାନେ ଟିକେଟ୍ କ୍ରୟ କରିପାରିବେ । ଜୁଲାଇ ମାସ ଶେଷ ସୁଦ୍ଧା ତତ୍କାଳ ଟିକେଟ୍ ବୁକିଂ

କ୍ଷେତ୍ରରେ ଓଟିପି ଆଧାରିତ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ପ୍ରାରମ୍ଭିକ ପର୍ଯ୍ୟାୟରେ ମାନସିକ ସମସ୍ୟାର ଚିହ୍ନଟ ଓ ଚିକିତ୍ସା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ମାନସିକ ଚିକିତ୍ସା ବିଭାଗର ପ୍ରଫେସର ଡାକ୍ତର ନନ୍ଦ କୁମାର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

# ଏମର୍ଜେନ୍ସୀ ସ୍ପେଶାଲ ଷ୍ଟୋରୀ

ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣାର ୫୦ବର୍ଷ ପୂରଣ ଅବସରରେ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଘଟିଥିବା ଘଟଣାକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି । ଜରୁରୀକାଳୀନ ପରିସ୍ଥିତି ସମୟରେ ଆନ୍ତରିକ ସୁରକ୍ଷା ବ୍ୟବସ୍ଥା ଅଧିନିୟମ-ମିସା ଅଧୀନରେ ଗିରଫ କରାଯାଇ ଜେଲ୍‌ରେ ରଖାଯାଇଥିବା ଲୋକମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଉଛି । ଜରୁରୀକାଳୀନ ପରିସ୍ଥିତି ସମୟରେ ଘଟିଥିବା ଘଟଣା ଉପରେ ଆଲୋକପାତ କରି ରାଜନେତା ଅରୁଣ ବଶିଷ୍ଠ କହିଛନ୍ତି, ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବା ପୂର୍ବରୁ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଛାତ୍ର ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହା ବିହାରରୁ ଆରମ୍ଭ ହୋଇ ସମଗ୍ର ଦେଶକୁ ବ୍ୟାପିଥିଲା । ଜୟପ୍ରକାଶ ନାରାୟଣଙ୍କ ଏହି ଆନ୍ଦୋଳନରେ ରାଜନେତା ଅରୁଣ ବଶିଷ୍ଠ  ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବା ପରେ ଜୟପ୍ରକାଶ ନାରାୟଣଙ୍କ ସମେତ ବହୁ ନେତା ଏବଂ ଛାତ୍ରମାନଙ୍କୁ ଗିରଫ କରାଯାଇଥିଲା । ସେହି ସମୟରେ ଛାତ୍ରନେତାମାନେ କାହା ସହ କଥା ହେଉଛନ୍ତି ଓ କ'ଣ ଯୋଜନା କରୁଛନ୍ତି, ସେ ସଂପର୍କରେ ମଧ୍ୟ ସରକାର ଗୁପ୍ତ ଭାବରେ ଖବର ରଖୁଥିଲେ ବୋଲି ଶ୍ରୀ ବଶିଷ୍ଠ କହିଛନ୍ତି । ଏହାକୁ ସେ ଲୋକତନ୍ତ୍ରର ହତ୍ୟା ବୋଲି କହିଛନ୍ତି।

# ସ୍ପୋର୍ଟସ୍ ରାଉଣ୍ଡଅପ୍

ବ୍ୟାଡମିଣ୍ଟନରେ  ପ୍ରଥମ ଭାରତୀୟ ଭାବେ ୨୦ ବର୍ଷୀୟ ଆୟୁଷ ସେଟ୍ଟୀ ୟୁଏସ୍ ଓପନ୍ ୨୦୨୫ ବିଡବ୍ଲୁଏଫ୍ ୱାର୍ଲଡ ଟୁର୍ ଟାଇଟଲ୍ ହାସଲ

କରିଛନ୍ତି । ସେ ଫାଇନାଲ୍ ମ୍ୟାଚ୍‌ରେ କାନାଡାର ବ୍ରିୟାନ୍ ୟାଙ୍ଗ୍‌କୁ ୨୧-୧୮, ୨୧-୧୩ରେ ପରାସ୍ତ କରିଛନ୍ତି । କାନାଡା ଓପନ୍ ୨୦୨୩ ପରେ ଶ୍ରୀ ସେଟ୍ଟୀ ବିଡବ୍ଲୁଏଫ୍ ଟୁର୍‌ରେ ପ୍ରଥମ ଭାରତୀୟ ଭାବେ ସିଙ୍ଗଲ୍‌ସ ଟାଇଟଲ୍ ହାସଲ କରିଛନ୍ତି ।

ମହିଳା ସିଙ୍ଗଲ୍‌ସରେ ତନଭୀ ଶର୍ମା’ ବିଶ୍ୱ ମାନ୍ୟତାପ୍ରାପ୍ତ ବିଓ୍ୱିନ୍ ଝାଙ୍ଗ୍‌ଙ୍କଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଛନ୍ତି । ସେ ୧୧-୨୧, ୨୧-୧୬ ଓ ୧୦-୨୧ରେ ପରାସ୍ତ ହୋଇଛନ୍ତି । ୧୬ ବର୍ଷୀୟ ତନ୍‌ଭୀଙ୍କର ଏହା ପ୍ରଥମ ବିଡବ୍ଲୁଏଫ୍ ଓ୍ୱାର୍ଲଡ ଟୁର୍ ଫାଇନାଲ୍ ମ୍ୟାଚ୍ ଥିଲା ।